# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27th March - 2024**

**News Editor : *Tapan Kumar Moharana***

**********************************

***Desk***

## ଲୋକସଭା ନିର୍ବାଚନ - ପ୍ରଥମ ପର୍ଯ୍ୟାୟ ନାମାଙ୍କନ

ଆସନ୍ତା ସାଧାରଣ ନିର୍ବାଚନର ପ୍ରଥମ ପର୍ଯ୍ୟାୟ ନାମାଙ୍କନ ପତ୍ର ଦାଖଲ କରିବାର ଆଜି ଶେଷ ଦିନ । ପ୍ରଥମ ପର୍ଯ୍ୟାୟରେ ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନପାଇଁ ଆସନ୍ତା ମାସ ୧୯ ତାରିଖରେ ଭୋଟ୍ ଗ୍ରହଣ କରାଯିବ । ଆସନ୍ତାକାଲି ପ୍ରାର୍ଥୀପତ୍ର ଯାଞ୍ଚ୍ କରାଯିବ । ପ୍ରାର୍ଥୀପତ୍ର ପ୍ରତ୍ୟାହାର ଶେଷଦିନ ୩୦ ତାରିଖ ରହିଛି ।

***GNR***

## ନିର୍ବାଚନ କମିଶନ୍ - ନିର୍ଦ୍ଦେଶନାମା

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ବାଚନ ଆୟୋଗ ପରାମର୍ଶ ଦେଇଛନ୍ତି। ଚଳିତ ମାସରୁ ଜୁନ୍ ମାସ ମଧ୍ୟରେ ତାପମାତ୍ରା ବୃଦ୍ଧି ପାଇବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ

ଆୟୋଗ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ମଧ୍ୟାହ୍ନ ୧୨ଟାରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ବାହାରକୁ ନ ବାହାରିବାପାଇଁ ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି । ଏଥିସହ ଲୋକମାନେ ପର୍ଯ୍ୟପ୍ତ ପରିମାଣର ପାଣି ପିଇବା ସହ ବାସି ଖାଦ୍ୟ ନ ଖାଇବାପାଇଁ ପରାମର୍ଶ ଦିଆଯାଇଛି । ସମସ୍ତ ଭୋଟ୍‌ଗ୍ରହଣ କେନ୍ଦ୍ରରେ ପାନୀୟ ଜଳ ସହ ଛାୟା ପ୍ରଦାନ କରିବାର ବ୍ୟବସ୍ଥା କରିବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି ।

***Desk***

## ସି-ଭିଜିଲ୍ ଆପ୍

ସି-ଭିଜିଲ୍ ଆପ୍ ଜରିଆରେ ନିର୍ବାଚନ ପ୍ରକ୍ରିୟା ଉପରେ ନିର୍ବାଚନ ଆୟୋଗ ତୀକ୍ଷ୍ଣ ନଜର ରଖିଛନ୍ତି। ଆଦର୍ଶ ଆଚରଣ ବିଧି ଉଲ୍ଲଂଘନର ରେକର୍ଡିଂ, ରିପୋର୍ଟିଂ ଏବଂ ସମାଧାନ ପାଇଁ ଏହି ଆପ୍ କାର୍ଯ୍ୟ କରୁଛି । ଏହି ଆପ୍ ଜରିଆରେ ଫଟୋ, ଭିଡିଓ ଇତ୍ୟାଦି ଉଠାଇ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅନଲାଇନ୍ ଅଭିଯୋଗ କରାଯାଇପାରିବ। ଏହି ଆପ୍ ମାଧ୍ୟମରେ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ବ୍ୟୟ ଉଲ୍ଲଂଘନ ବିଷୟରେ ରିପୋର୍ଟ ନିର୍ବାଚନ କମିଶନ୍‌କୁ ଅବଗତ କରିପାରିବେ ।

*Desk*

## ଏନ୍.ଟି.ଏ. - ସ୍ନାତକ ପରୀକ୍ଷା

କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ସ୍ନାତକ ପାଠ୍ୟକ୍ରମ ଲାଗି ଏନ୍.ଟି.ଏ. ପକ୍ଷରୁ ଆବେଦନ ସମୟ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆବେଦନର ଗତକାଲି ଶେଷଦିନ ଥିଲା । ଆସନ୍ତା ଏପ୍ରିଲ୍ ମାସ ୨ରୁ ୩ ତାରିଖ ମଧ୍ୟରେ ଆବେଦନ ଫର୍ମ ସଂଶୋଧନ କରାଯାଇପାରିବ । ସୂଚନାଯୋଗ୍ୟ, ଏନ୍.ଟି.ଏ. ପକ୍ଷରୁ ଚଳିତ ବର୍ଷ ସ୍ନାତକ ପରୀକ୍ଷା ପାଇଁ ଦେଶର ୩୮୦ଟି ପରୀକ୍ଷା କେନ୍ଦ୍ର ଏବଂ ଦେଶ ବାହାରେ ୨୬ଟି ପରୀକ୍ଷା କେନ୍ଦ୍ର କରାଯାଇଛି ।

*Desk*

## ସମ୍ବଲପୁର - ଆଇନଶୃଙ୍ଖଳା

ସମ୍ବଲପୁର ସହରରେ ଗତକାଲି ସନ୍ଧ୍ୟାରେ ଘଟିଥିବା ଅପ୍ରୀତିକର ଘଟଣାକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ବଜାୟ ରଖିବା ଲାଗି ଜିଲ୍ଲା ପୁଲିସ୍ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି ।  ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ୍ କହିଛନ୍ତି, ସହରରେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରହିଛି । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ମିଥ୍ୟାଖବର ଏବଂ ଗୁଜବକୁ ବିଶ୍ୱାସ ନ କରିବାପାଇଁ ସହରବାସୀଙ୍କୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

*Puri/R*

# ବନକଲାଗି

ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜିଉଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଚୈତ୍ର କୃଷ୍ଣ ଦ୍ୱିତୀୟା ତିଥି ବୁଧବାର ଦିନ ଶ୍ରୀବିଗ୍ରହମାନଙ୍କ ବନକ ଲାଗି ନୀତି ଅନୁଷ୍ଠିତ ହେବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀଜୀଉମାନଙ୍କ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ଗର୍ଭଗୃହର ସମସ୍ତ ଦ୍ୱାର ବନ୍ଦ ରହିବ। ଦ୍ୱିତୀୟ ଭୋଗମଣ୍ଡପ ପରେ ଦତ୍ତମହାପାତ୍ର ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ । ଏହାପରେ ବନକଲାଗି ଗୁପ୍ତ ନୀତି ସମାପନ ହେବ । ବନକଲାଗି ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ଅନୁଷ୍ଠିତ ହେବ । ମହାସ୍ନାନ ପରେ ଶ୍ରଦ୍ଧାଳୁମାନେ ପୁଣି ଶ୍ରୀବିଗ୍ରହମାନଙ୍କ ଦର୍ଶନ କରିପାରିବେ ।

*Desk*

# ବିଶ୍ୱ ନାଟ୍ୟ ଦିବସ

ନାଟକର ମୂଲ୍ୟ ଏବଂ ସମାଜରେ ତା'ର ପ୍ରଭାବକୁ ଉଜ୍ଜୀବିତ କରିବା ନେଇ ଆଜି ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଉଛି । ଆନ୍ତର୍ଜାତିକ ଥିଏଟର୍ ପ୍ରତିଷ୍ଠାନ ପକ୍ଷରୁ ୧୯୬୧ ମସିହାରୁ ଏହି ଦିବସ ପାଳନ କରାଯାଇଆସୁଛି ।

ଶାନ୍ତି ଏବଂ ସଂସ୍କୃତି ବିଷୟରେ ଲୋକଙ୍କୁ ସଚେତନ କରାଇବାର ବାର୍ତ୍ତା ନେଇ ବିଶ୍ୱ ନାଟ୍ୟ ଦିବସ ପାଳନ କରାଯାଇଥାଏ । ସଂଳାପ, ବାଦ୍ୟ ଏବଂ ସଙ୍ଗୀତ ସାଙ୍ଗକୁ ସାଙ୍କେତିକ ଧ୍ୱନିଦ୍ୱାରା ନାଟକ ଶ୍ରୋତାଙ୍କର କଳ୍ପନା ଶକ୍ତିକୁ ସକ୍ରିୟ କରିଥାଏ । ଶ୍ରୋତା ନିଜର ମନମୁତାବକ ରଙ୍ଗମଞ୍ଚରେ ଘଟଣାସ୍ଥଳର ନାଟକୀୟ ଉପକରଣ ସହିତ ଦୃଶ୍ୟ ସଜାଇଥାଏ । ଏହି ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ନାଟ୍ୟାନୁଷ୍ଠାନ ପକ୍ଷରୁ ଆଲୋଚନାଚକ୍ର, ନାଟକ ପରିବେଷଣ ଏବଂ ନାଟ୍ୟକାର ସମ୍ମାନ ସମାରୋହର ଆୟୋଜନ କରାଯାଉଛି ।

***Desk***

# ପାଣିପାଗ

ଆକାଶ ମେଘମୁକ୍ତ ଥିବାରୁ ପାଗ ଶୁଖିଲା ରହିବା ସହିତ ତାପମାତ୍ରା ବୃଦ୍ଧି ପାଉଛି । ବିଶେଷକରି ଉପକୂଳ ଅଞ୍ଚଳ ଏବଂ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ତାପମାତ୍ରା ଆଜିଠାରୁ ବୃଦ୍ଧି ପାଇବ ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀରୁ ଅତିକ୍ରମ କରିବ ଏବଂ ସ୍ୱାଭାବିକଠାରୁ ୩ରୁ ୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ ।

*****